ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/AGFE(Od)/263/28-02-2024

# କୃଷି ଭବନ ପରିଦର୍ଶନ କଲେ ବିଲ୍ ଗେଟ୍ସ

ଭୁବନେଶ୍ୱର, ଫେବୃଆରୀ ୨୮, ୨୦୨୪

ବିଲ୍ ଓ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଓ କୋଚେୟାର ବିଲ୍ ଗେଟସ୍, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ଦପ୍ତର କୃଷିଭବନ ପରିଦର୍ଶନ କରିଛନ୍ତି । ତାଙ୍କ ସହିତ ଆସିଥିବା ଦଳରେ ଦାରିଦ୍ର୍ୟ ଦୂରୀକରଣ, ଭାରତ ବି.ଏମ୍. ଜି.ଏଫ୍‌ର ନିର୍ଦ୍ଦେଶକ ଶ୍ରୀ ଅଲକେଶ ୱାଧ୍ୱାନୀ, ଗ୍ଲୋବାଲ୍ ଗ୍ରୋଥ୍ ଓ ଅପରଚୁନିଟିର, ବି.ଏମ୍.ଜି.ଏଫ୍‌ର ଅଧକ୍ଷ ଶ୍ରୀ ରୋଜର, ସାଉଥ୍ ଆଣ୍ଡ ସାଉଥ୍‌ଇଷ୍ଟ ଏସିଆ, ବି.ଏମ୍. ଜି.ଏଫ୍‌ର ନିର୍ଦ୍ଦେଶକ ଶ୍ରୀ ହରି ମେନନ୍ ମଧ କୃଷି ଭବନ ମଧ ପରିଦର୍ଶନ କରିଥିଲେ ।

ରାଜ୍ୟରେ କୃଷକଙ୍କ ଆୟବୃଦ୍ଧି, ପୁଷ୍ଟି ନିରାପତ୍ତା ଓ ଜଳବାୟୁ ସହନୀଶୀଳତାକୁ ଉନ୍ନତ କରିବା ନିମନ୍ତେ ୨୦୧୭ ମସିହାରୁ ଓଡ଼ିଶା ସରକାର ଏହି ଫାଉଣ୍ଡେସନ୍ ସହିତ ଅଂଶୀଦାର ଭାବେ କାର୍ଯ୍ୟକାରି ଆସୁଛନ୍ତି ।

ଏହି ଭାଗୀଦାରିତା ଯୋଗୁଁ ଓଡ଼ିଶା ଡିଜିଟାଲ୍ ପବ୍ଲିକ୍ ଭିତ୍ତିଭୂମିରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ରାଜ୍ୟ ସରକାର 'କୃଷକ ଓଡ଼ିଶା' ଡାଟାବେସ, 'ଗୋ-ସୁଗମ ପୋର୍ଟାଲ' ଓ 'ଆମ କୃଷି' ସମ୍ପ୍ରସାରଣ ପଦ୍ଧତି ସମେତ ବହୁ କୃଷକ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ।

ଫାଉଣ୍ଡେସନ୍‌ର ସହାୟତାରେ ରାଜ୍ୟ ସରକାର ମକାମଣ୍ଡି ଓ କୃଷକ ଉତ୍ପାଦକ କମ୍ପାନୀ ପ୍ରକଳ୍ପ ମାଧ୍ୟମରେ ଫସଲ ବିବିଧିକରଣକୁ ସଫଳତାର ସହିତ କାର୍ଯ୍ୟକାରୀ କରିପାରିଛନ୍ତି । ସଂପ୍ରତି ଏହି ପ୍ରୟାସଗୁଡ଼ିକ ସମଗ୍ର ରାଜ୍ୟରେ ତ୍ୱରାନ୍ୱିତ କରାଯାଇଛି ।

ବିଲ୍‌ଗେଟ୍‌ସଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ସ୍ୱାଗତ ଜଣାଇଥିଲେ । ଏହା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଓଡ଼ିଶାର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର ତଥା- ଭାରତର କୃଷିରେ ପ୍ରଥମ କେନ୍ଦ୍ରୀକୃତ ସନ୍ନିରୀକ୍ଷଣ ପଦ୍ଧତି କୃଷି ସମୀକ୍ଷା କେନ୍ଦ୍ରକୁ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ । କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ରୋଗପୋକ ପରିଚାଳନା, ଡିଜିଟାଲ୍ ସମ୍ପ୍ରସାରଣ, ଅନ୍‌କଲ କୃତ୍ରିମ ପ୍ରଜନନ ଓ ଯୋଜନା ସମ୍ପାଦନ ସହିତ ଡିଜିଟାଲ ପ୍ରଣାଳି ମାଧ୍ୟମରେ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଭାବଶାଳୀ ଯୋଜନା ଓ ସେବା ପ୍ରଯୁକ୍ତିକୁ ରାଜ୍ୟ ସରକାର କିଭଳି କୃଷକଙ୍କ ହିତରେ ବିନିଯୋଗ କରିବା ଦିଗରେ ସକ୍ଷମ ହୋଇଛନ୍ତି, ସେ ସମ୍ବନ୍ଧରେ ପ୍ରଦର୍ଶନ କରାଯାଇଥିଲା ।

ରାଜ୍ୟରେ ଡିଜିଟାଲ କୃଷିର ଭବିଷ୍ୟତ ପାଇଁ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଓଡ଼ିଶା କୃଷି, ପ୍ରାଣୀସମ୍ପଦ, ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଏଣ୍ଡ-ଟୁ-ଏଣ୍ଡ ଟେକ୍‌ନୋଲୋଜି କାର୍ଯ୍ୟକାରୀ କରିବାରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଉଭା ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପ୍ରଦର୍ଶନରେ ଉତ୍ସାହିତ ହୋଇ ବିଲ୍ ଗେଟ୍‌ସ୍ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

ଏହା ପରେ ବିଭାଗ ଦ୍ୱାରା ସ୍ଥାପିତ ଡିଜିଟାଲ ପବ୍ଲିକ ଭିତ୍ତିଭୂମି ମାଧ୍ୟମରେ ସେମାନଙ୍କ ଆୟ ଓ କୃଷି ପଦ୍ଧତିରେ ଅଭିବୃଦ୍ଧି ଘଟାଇଥିବା ଦୁଇଜଣ ସଫଳ ମହିଳା କୃଷକଙ୍କ ସହିତ ବିଲ୍ ଗେଟସ କଥାବାର୍ତ୍ତା ହୋଇଥିଲେ । ବି.ଏମ୍.ଜି.ଏଫ୍. ପ୍ରତିନିଧି ଦଳ କୃଷି ଭବନରେ ମିଲେଟ୍ କାଫେ, ପରିଦର୍ଶନ କରିଥିଲେ । କୃଷି

ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ପାଢ଼ୀ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶ୍ରୀ ଚୌଧାରୀ  ଓଡ଼ିଶା ମିଲେଟସ୍ ମିଶନର ସଫଳ କାହାଣୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହା ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କ ଜୀବନଜୀବିକାରେ କିପରି ଉନ୍ନତି ଆଣିପାରିଛି ସେ ବିଷୟରେ ଶ୍ରୀ ଗେଟ୍ସ୍‌ଙ୍କୁ ଅବଗତ କରାଇଥିଲେ ।

ଉଭୟ ସରକାର ଏବଂ ଫାଉଣ୍ଡେସନ୍ କୃଷକଙ୍କ ହିତ ପାଇଁ ଏହି ସହଭାଗିତା ଅବ୍ୟାହତ ରଖିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ।

ତାପସ କୁମାର ସାହା

ସୂଚନା ଅଧିକାରୀ